# ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟଜଣେ

## ବନାମ

## ସନ୍ତ ଜୋଗିନ୍ଦର ସିଂହ କିଶନ ସିଂହ ଏବଂ ଅନ୍ୟମାନେ

## ଫେବୃଆରୀ 22, 1995

## [କେ. ରାମାସ୍ୱାମୀ ଏବଂ ବି. ଏଲ୍. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ମହାରାଷ୍ଟ୍ର ଆଞ୍ଚଳିକ ଏବଂ ନଗର ଯୋଜନା ଅଧିନିୟମ, 1966: ଅଧିଗ୍ରହଣ କରାଯାଇଥିବା ଜମି ପାଇଁ କ୍ଷତିପୂରଣ - ସ୍ପଷ୍ଟ ବ୍ୟବସ୍ଥାର ଅନୁପସ୍ଥିତିର ନିର୍ଦ୍ଧାରଣ - ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 23 ରେ ଧାର୍ଯ୍ୟ ହୋଇଥିବା 'ଆବଶ୍ୟକୀୟ ପରିବର୍ତ୍ତନ ସହିତ' ନୀତିକୁ ପ୍ରୟୋଗ କରି ନିର୍ଦ୍ଧାରଣ କରାଯାଇପାରିବ ।*

*ଧାରା 125 - ସଂଶୋଧନର ପ୍ରଭାବ - ଏହା ଅଧୀନରେ ଜାରି ହୋଇଥିବା ଅଧିସୂଚନା - ତିନି ବର୍ଷର ଅବଧି ଶେଷ ହେବା ପରେ ମଧ୍ୟ ଅକାମି ହୋଇନଥିଲା - ଧାରା 126 (4) ଅଧୀନରେ କରାଯାଇଥିବା ନୂତନ ଘୋଷଣାନାମା ବୈଧ ଅଟେ ।*

*ଧାରା 126 (2) - ସଂଶୋଧନର ପ୍ରଭାବ - ପ୍ରଯୁଜ୍ୟତା - ବିଚାରାଧୀନ ତଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଯୁଜ୍ୟ ହୋଇଥିଲା ।*

*ଜମି ଅଧିଗ୍ରହଣ ଅଧିନିୟମ, 1894: ଧାରା 23 - ଜମି ଅଧିଗ୍ରହଣ - କ୍ଷତିପୂରଣ - ନିର୍ଦ୍ଧାରଣ - ପ୍ରକ୍ରିୟାଗତ ବ୍ୟବସ୍ଥା ନୁହେଁ ବରଂ ମୂଳ ବ୍ୟବସ୍ଥାର ନିର୍ଦ୍ଧାରଣ ।*

**ମହାରାଷ୍ଟ୍ର ଆଞ୍ଚଳିକ ଏବଂ ନଗର ଯୋଜନା ଅଧିନିୟମ, 1966 ରେ ସଂଶୋଧନ କରାଯାଇଥିଲା ଏବଂ ଏହି ଅଧିନିୟମର ଧାରା 125 ଅନୁଯାୟୀ ଏକ ଅଧିସୂଚନା ପ୍ରକାଶିତ ହୋଇଥିଲା । ଜମି ମାଲିକଙ୍କ ସହ ଚୁକ୍ତି ଦ୍ୱାରା କିମ୍ବା ଜମି ଅଧିଗ୍ରହଣ ଅଧିନିୟମ, 1894 ଅଧୀନରେ ଅଧିଗ୍ରହଣ ନିମନ୍ତେ ରାଜ୍ୟ ସରକାରଙ୍କୁ ଏକ ଆବେଦନ କରି ଜମି ଅଧିଗ୍ରହଣ କରାଯାଇପାରିବ, ଯେଉଁଥିରେ ଧାରା 126 ର ଉପଧାରା (2) ର ପରନ୍ତୁକ କାର୍ଯ୍ୟକାରୀ ହେବା ଦ୍ୱାରା ଧାରା 125 ଅନୁଯାୟୀ ଅଧିସୂଚନା ପ୍ରକାଶ ପାଇବାର ତିନି ବର୍ଷ ମଧ୍ୟରେ ଘୋଷଣାନାମା କରିବାକୁ ପଡ଼ିବ । ଧାରା 125 ଅଧୀନରେ ଥିବା ଅଧିସୂଚନାକୁ କେନ୍ଦ୍ରୀୟ ଅଧିନିୟମର ଧାରା 4 (1) ଅଧୀନରେ ଥିବା ଅଧିସୂଚନା ଭାବରେ ଏବଂ ଧାରା 126 ର ଉପ-ଧାରା (2) ଅଧୀନରେ ଥିବା**

ଘୋଷଣାନାମାକୁ କେନ୍ଦ୍ରୀୟ ଅଧିନିୟମର ଧାରା 6 ଅଧୀନରେ ଥିବା ଘୋଷଣାନାମା ଭାବରେ ବିବେଚନା କରାଯାଏ । ତିନି ବର୍ଷ ମଧ୍ୟରେ ଘୋଷଣାନାମା ପ୍ରକାଶ କରିବାରେ ବିଫଳ ହେଲେ, ଜମି ଅଧିଗ୍ରହଣ କ୍ଷେତ୍ରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ନିଷେଧାଦେଶ ଲାଗୁ ହୋଇଥାଏ ।

ଅଧିନିୟମର ସଂଶୋଧନ ପରେ ଉତ୍ତରଦାତାଙ୍କ ଜମି ଅଧିଗ୍ରହଣ କରାଯାଇଥିଲା । ଉକ୍ତ ଅଧିଗ୍ରହଣକୁ ଆପତ୍ତି କରି ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଆଜ୍ଞାଦେଶ ଆବେଦନଟିକୁ ମଞ୍ଜୁରୀ ଦେଇଥିଲେ ଯେ ଏହି ସଂଶୋଧନ କେବଳ ବିଚାରାଧୀନ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଯୁଜ୍ୟ ହେବ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ନୁହେଁ । ଉଚ୍ଚ ନ୍ୟାୟାଳୟଙ୍କ ରାୟରେ ବ୍ୟଥିତ ହୋଇ ଅପିଲକାରୀ ବର୍ତ୍ତମାନର ଏହି ଅପିଲ ଦାଖଲ କରିଥିଲେ ।

ଉତ୍ତରଦାତାଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ, ଯେହେତୁ ଜମି ଅଧିଗ୍ରହଣ ଏକ ବାଧ୍ୟତାମୂଳକ ସମ୍ପତ୍ତି ଅଧିଗ୍ରହଣ ଥିଲା, ତେଣୁ ଏହାର ଏକ ସୀମିତ ବ୍ୟାଖ୍ୟା କରାଯିବା ଉଚିତ୍; ଯଦିଓ ଧାରା 125 ଅଧୀନରେ ପ୍ରକାଶିତ ଅଧିସୂଚନା ଅକାମି ହୋଇଯିବ ବୋଲି କୌଣସି ସ୍ପଷ୍ଟ ବ୍ୟବସ୍ଥା ନଥିଲା, ତଥାପି ଜମି ଅଧିଗ୍ରହଣ ଅଧିନିୟମ (ସଂଶୋଧନ) ଅଧିନିୟମ 68/1984 ଦ୍ୱାରା ପ୍ରବର୍ତ୍ତିତ ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 11A ର ପ୍ରଭାବ ଅନୁଯାୟୀ, କେନ୍ଦ୍ରୀୟ ଅଧିନିୟମର ଧାରା 6 ଅର୍ଥାତ୍ ଏହି ଅଧିନିୟମର ଧାରା 126 (2) ଅଧୀନରେ ପ୍ରକାଶିତ ଘୋଷଣାନାମା ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବା ଉଚିତ୍; ଏବଂ ଏହି ସୀମାବଦ୍ଧତାର ଅବଧିକୁ ଅଧିନିୟମରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ବିବେଚନା କରାଯିବା ଉଚିତ୍; ଯଦି ଆଇନ ଅନୁମତି ଦେଉଥିଲା, ତେବେ ଧାରା 125 ଅଧୀନରେ ପୁନର୍ବାର ନୂତନ ଅଧିସୂଚନା ଜାରି କରିବା ରାଜ୍ୟ ପାଇଁ ଏକମାତ୍ର ଉପାୟ ଥିଲା ଏବଂ ଏହା ଧାରା 126 ର ଉପ-ଧାରା (4) ଅଧୀନରେ ଘୋଷଣାନାମା ପ୍ରକାଶ କରିବା ଉଚିତ୍ ନୁହେଁ;

ଏହି ଅପିଲକୁ ମଞ୍ଜୁରୀ ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଥିଲେ ଯେ: 1.1. ମହାରାଷ୍ଟ୍ର ଆଞ୍ଚଳିକ ଏବଂ ନଗର ଯୋଜନା ଅଧିନିୟମ, 1966 ର ଧାରା 126 (4) ଏହି ବୈଧାନିକ ଉଦ୍ଦେଶ୍ୟ ପ୍ରଦାନ କରେ ଯେ, ଯଦି ଘୋଷଣାନାମା ଜାରି ହେବାର ତିନି ବର୍ଷ ମଧ୍ୟରେ କରାଯାଇ ନାହିଁ ଏବଂ ସଂଶୋଧନ ଅଧିନିୟମ ଆରମ୍ଭ ହେବା

ସମୟରେ ଉକ୍ତ ଅବଧି ସମାପ୍ତ ହୋଇଯାଇଛି, ତେବେ ରାଜ୍ୟ ସରକାରଙ୍କୁ ଅଧିନିୟମର ଧାରା **126** ର ଉପ-ଧାରା **(2)** ଏବଂ **(3)** ରେ ପ୍ରଦତ୍ତ ପଦ୍ଧତି ଅନୁଯାୟୀ ଜମି ଅଧିଗ୍ରହଣ ପାଇଁ ଏକ ନୂତନ ଘୋଷଣାନାମା କରିବାକୁ କ୍ଷମତା ଦିଆଯାଇଛି । **[246-E]**

**1.2.** ଧାରା **126** ର ଉପ-ଧାରା **(2)** ଅଧୀନରେ ସରକାରୀ ରାଜପତ୍ରରେ ଘୋଷଣାନାମା ପ୍ରକାଶ କରିବାରେ ଅତ୍ୟଧିକ ବିଳମ୍ବ ହେଲେ ସେଥିରେ ହେବାକୁ ଥିବା ପରିଣାମ ବିଷୟରେ ବିଧାନସଭା ଅବଗତ ଥିଲେ; ତେଣୁ ଧାରା **126 (2)** ଅଧୀନରେ କ୍ଷମତାର ପ୍ରୟୋଗ ଉପରେ ଏକ ପ୍ରତିବନ୍ଧକ ଲଗାଇବା ପାଇଁ ସେହି ଅନୁସାରେ ବ୍ୟବସ୍ଥା କରାଯାଇଥିଲା ଏବଂ ସେହି ସମୟରେ ସାର୍ବଜନୀନ ଉଦ୍ଦେଶ୍ୟ ତଥା ଜମି ମାଲିକଙ୍କ ବ୍ୟକ୍ତିଗତ ସ୍ୱାର୍ଥ ପ୍ରତି ହେଉଥିବା ଅସୁବିଧାକୁ ପ୍ରଶମିତ କରାଯାଇଥିଲା । **[247- F]**

**2.1.** ରାଜ୍ୟକୁ ଏହାର ସର୍ବୋଚ୍ଚ ଅଧିକାରର ପ୍ରୟୋଗ କରିବାକୁ ଅନୁମତି ଦେବା ସମୟରେ, ଜମି ମାଲିକ କିମ୍ବା ଜମିରେ ଦାବି ରଖୁଥିବା ବ୍ୟକ୍ତିଙ୍କୁ ଧାରା **125** (ଜମି ଅଧିଗ୍ରହଣ ଅଧିନିୟମ, **1894** ର ଧାରା **4 (1)**) ଅଧୀନରେ ଅଧିସୂଚନା ପ୍ରକାଶନ ତାରିଖର ପ୍ରଚଳିତ ମୂଲ୍ୟ ଅନୁଯାୟୀ କ୍ଷତିପୂରଣ ପୈଠ କରିବାର ଅସୁବିଧାରୁ ମୁକ୍ତ କରାଯାଇଛି ଏବଂ ନିର୍ଦ୍ଦେଶ ଦିଆଯାଇଛି ଯେ, ଧାରା **126** ର ଉପ-ଧାରା **(4)** ଅଧୀନରେ ନୂତନ ଘୋଷଣାନାମା ପ୍ରକାଶନ ତାରିଖ ଅନୁଯାୟୀ ବଜାର ମୂଲ୍ୟ ନିର୍ଦ୍ଧାରଣ କରାଯିବ । **[247- G]**

**2.2.** ଯଦିଓ ଧାରା **126** ର ଉପ-ଧାରା **(2)** ର ପରନ୍ତୁକ ଅଧୀନରେ ନିର୍ଦ୍ଧାରିତ ତିନି ବର୍ଷ ମଧ୍ୟରେ ଧାରା **126** ର ଉପ-ଧାରା **(2)** ଅଧୀନରେ ଘୋଷଣାନାମା କରାଯାଇ ନାହିଁ, ତଥାପି ଆବଶ୍ୟକ ଅନୁମାନ ଦ୍ୱାରା ଏହା ବୁଝାଯିବ ଯେ ଧାରା **125** ଅଧୀନରେ ଥିବା ଅଧିସୂଚନା ଅକାମି ହୁଏ ନାହିଁ ଏବଂ ଧାରା **126 (4)** ଅଧୀନରେ କରାଯାଇଥିବା ନୂତନ ଘୋଷଣାନାମା ବୈଧ ଅଟେ, ପଛେ ତାହା ସଂଶୋଧନ ଅଧିନିୟମ କାର୍ଯ୍ୟକାରୀ ହେବା ପରେ କରାଯାଇଥାଉ କିମ୍ବା ଅସଂଶୋଧିତ ଅଧିନିୟମ ଅଧୀନରେ କରାଯାଇଥାଉ ଏବଂ ସଂଶୋଧନ ଅଧିନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ତିନି ବର୍ଷ ସମାପ୍ତ ହୋଇଥାଉ । ସରକାର ସେତେବେଳେ ସରକାରୀ ରାଜପତ୍ରରେ ଅଧିନିୟମର ଧାରା **126 (2)** ଅଧୀନରେ ଘୋଷଣାନାମା ପ୍ରକାଶ କରିବା ପାଇଁ ସମ୍ପୂର୍ଣ୍ଣ କ୍ଷମତା ସମ୍ପନ୍ନ ଥିଲେ । **[248- D- E]**

*ମ୍ୟୁନିସିପାଲ କର୍ପୋରେସନ୍ ଅଫ୍ ଗ୍ରେଟର ବମ୍ବେ ବନାମ ଡ. ହାକିମୱାଡ଼ି ଟେନାଣ୍ଟସ୍ ଆସୋସିଏସନ୍ ଏବଂ ଅନ୍ୟମାନେ,* **[1988] (Supp.) SCC 55,** ମାମଲାଟିକୁ ଉଲ୍ଲେଖ କରାଯାଇଛି ।

**3.1.** ରାଜ୍ୟ ବିଧାନସଭା ସଂଶୋଧନ ଅଧିନିୟମ ଦ୍ୱାରା ଏହି ଅଧିନିୟମକୁ ସଂଶୋଧନ କରିଥିଲା ଏବଂ ଧାରା **126 (2)** ଅଧୀନରେ ଘୋଷଣାନାମାର ପ୍ରକାଶନ ପାଇଁ **3** ବର୍ଷର ସମୟ ସୀମା ପ୍ରବର୍ତ୍ତନ କରିଥିଲା । ଧାରା **128** ରେ, ଏହା କେନ୍ଦ୍ରୀୟ ଅଧିନିୟମର ଧାରା **16,17** ଏବଂ **24** ର ବ୍ୟବସ୍ଥାଗୁଡ଼ିକୁ ଏହାର ଅଂଶ ଭାବରେ ସ୍ୱଷ୍ଟ ଭାବରେ ସନ୍ନିବେଶିତ କରିଥିଲା । ଯେଉଁଠାରେ ବିଧାନସଭା କେନ୍ଦ୍ରୀୟ ଅଧିନିୟମ ଦ୍ୱାରା ପରିକଳ୍ପିତ ନିର୍ଦ୍ଦିଷ୍ଟ ପ୍ରକ୍ରିୟା କିମ୍ବା କ୍ଷମତା ପ୍ରୟୋଗ ଉପରେ ପ୍ରତିବନ୍ଧକ ଲାଗୁ କରିବାକୁ ଚାହୁଁଥିଲା, ସେଠାରେ ତାହା ନିର୍ଦ୍ଦିଷ୍ଟ ଭାବରେ କରାଯାଇଥିଲା । କେନ୍ଦ୍ରୀୟ ଅଧିନିୟମ **68/1984** କାର୍ଯ୍ୟକାରୀ ହେବା ପରେ, ରାଜ୍ୟ ବିଧାନସଭା ଦ୍ୱାରା କେନ୍ଦ୍ରୀୟ ଅଧିନିୟମର ଧାରା **11A** କୁ ଏହି ଅଧିନିୟମର ଅଂଶବିଶେଷ ଭାବେ ପ୍ରବର୍ତ୍ତନ କିମ୍ବା ଅନ୍ତର୍ଭୁକ୍ତ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଯେହେତୁ ବିଧାନସଭା କେନ୍ଦ୍ରୀୟ ଅଧିନିୟମର ନିର୍ଦ୍ଦିଷ୍ଟ ବ୍ୟବସ୍ଥାଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥିଲା, ତେଣୁ ଏହାର ନିଷ୍କର୍ଷ ହେଉଛି ଯେ ବିଧାନସଭା ଅଧିନିୟମ ଅଧୀନରେ କ୍ଷମତା ପ୍ରୟୋଗ ପାଇଁ କେନ୍ଦ୍ରୀୟ ଅଧିନିୟମର ଅନିର୍ଦ୍ଦିଷ୍ଟ ବ୍ୟବସ୍ଥାଗୁଡ଼ିକୁ ପ୍ରୟୋଗ କରିବାକୁ ଚାହୁଁନଥିଲା । ଏହି ପରିପ୍ରେକ୍ଷୀରେ ଏହା ମନେ ରଖିବାକୁ ହେବ ଯେ, ଅନ୍ତର୍ଭୁକ୍ତିକରଣ ଏବଂ ସନ୍ଦର୍ଭ ଦ୍ୱାରା ଗ୍ରହଣ ମଧ୍ୟରେ ଏକ ପାର୍ଥକ୍ୟ ରହିଛି । ଯଦି ବିଧାନସଭା କେନ୍ଦ୍ରୀୟ ଅଧିନିୟମକୁ କେବଳ ଗ୍ରହଣ କରିଥାଆନ୍ତେ, ତେବେ ଅଧିନିୟମ **68/1984** ର ଅଧୀନରେ ସେହି ଅଧିନିୟମରେ ହୋଇଥିବା ପରବର୍ତ୍ତୀ ସଂଶୋଧନଗୁଡ଼ିକ ସ୍ୱତଃ ପ୍ରବୃତ୍ତ ଭାବେ ପ୍ରଯୁଜ୍ୟ ହୋଇଥାନ୍ତା । **[248- H, 249-A-B]**

*ଗୌରୀ ଶଙ୍କର ଗୌର ବନାମ ୟୁ. ପି. ରାଜ୍ୟ,* **[1994] 1 SCC 92,** ମାମଲାଟିକୁ ଅନୁସରଣ କରାଯାଇଥିଲା ।

**3.2.** ଏହା ସତ୍ୟ ଯେ ଅଧିନିୟମ ଅଧୀନରେ ଅଧିଗ୍ରହଣ କରାଯାଇଥିବା ଜମି ପାଇଁ କ୍ଷତିପୂରଣ ନିର୍ଦ୍ଧାରଣ କରିବାକୁ ଏହି ଅଧିନିୟମ ଅଧୀନରେ କୌଣସି ସ୍ୱଷ୍ଟ ବ୍ୟବସ୍ଥା ନାହିଁ । ତେଣୁ, ଆବଶ୍ୟକ ପ୍ରଭାବ ଦ୍ୱାରା, କେନ୍ଦ୍ରୀୟ ଅଧିନିୟମର ଧାରା **23** ର ନୀତିଗୁଡ଼ିକୁ ପ୍ରୟୋଗ କରି କ୍ଷତିପୂରଣ ନିର୍ଦ୍ଧାରଣ କରାଯିବା ଆବଶ୍ୟକ । କିନ୍ତୁ, ଏକ ବିଧାନର ପ୍ରକ୍ରିୟାଗତ ଏବଂ ମୂଳ ବ୍ୟବସ୍ଥା

**ମଧ୍ୟରେ ଏକ ପାର୍ଥକ୍ୟ ରହିଛି । ଉପଯୁକ୍ତ ନୀତିଗୁଡ଼ିକୁ ପ୍ରୟୋଗ କରି କ୍ଷତିପୂରଣ ନିର୍ଦ୍ଧାରଣ କରିବା 'ମୂଳ ବ୍ୟବସ୍ଥା' ସହିତ ଜଡ଼ିତ, ଅପର ପକ୍ଷରେ, ଏକ ନିର୍ଦ୍ଧାରିତ ଅବଧି ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରିବା ମୂଳତଃ 'ପ୍ରକ୍ରିୟାଗତ' ଅଟେ । ତେଣୁ, କେବଳ କେନ୍ଦ୍ରୀୟ ଅଧିନିୟମର ଧାରା 23 ଏହି ଅଧିନିୟମ ଅଧୀନରେ ଥିବା ଅଧିଗ୍ରହଣ ପାଇଁ ପ୍ରଯୁଜ୍ୟ ହେବ ବୋଲି ଧାରା 11-A ରେ ଯାହା ଅଛି ତାହା ମଧ୍ୟ ପ୍ରଯୁଜ୍ୟ ହେବ ବୋଲି ଧରିନେବା ଯଥେଷ୍ଟ ନୁହେଁ ।**

**ଆହୁରି ମଧ୍ୟ, ଅଧିନିୟମର ଧାରା 126 ର ଉପ-ଧାରା (4) ରେ ଯାହା ବ୍ୟବସ୍ଥା କରାଯାଇଛି, ତାହା ଏକ ସ୍ପଷ୍ଟ ସଂକେତ ଯେ ଅଧିନିୟମର ଧାରା 126 ର ଉପ-ଧାରା (2) ଅଧୀନରେ କରାଯାଇଥିବା ଘୋଷଣାନାମା ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରିବାରେ ବିଫଳତା, ଅଧିନିୟମର ଧାରା 125 ଅଧୀନରେ ପ୍ରକାଶିତ ଅଧିସୂଚନାକୁ ଅସ୍ତିତ୍ୱହୀନ କରିବ ନାହିଁ । [250- B- D]**

**3.3. ଅଧିନିୟମର ଧାରା 126 (4) ର ପ୍ରାରମ୍ଭିକ ଭାଗରୁ ଏହା ସ୍ପଷ୍ଟ ହୁଏ ଯେ ସଂଶୋଧନ ଅଧିନିୟମ କେବଳ ସେହି କାର୍ଯ୍ୟାନୁଷ୍ଠାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ନୁହେଁ ଯାହା ସଂଶୋଧନ କାର୍ଯ୍ୟକାରୀ ହେବା ସମୟରେ ବିଚାରାଧୀନ ଥିଲା, ବରଂ ପରବର୍ତ୍ତୀ ସମୟରେ ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ । [250- E]**

*ଶିଓରାନୀ ବନାମ ମହାରାଷ୍ଟ୍ର ରାଜ୍ୟ,* **(1994) Mh.L.J. 1821, ଅନୁମୋଦିତ ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 4925/1989 ଇତ୍ୟାଦି ଇତ୍ୟାଦି

ଡବ୍ଲ୍ୟୁ. ପି. ସଂଖ୍ୟା 312/1982 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ 8.2.89 ର ରାୟ ଏବଂ ଆଦେଶରୁ ଅପିଲ ।

ଉପସ୍ଥିତ ପକ୍ଷମାନଙ୍କ ତରଫରୁ କେ. ମାଧବ ରେଡ୍ଡୀ, ଡ. ଏନ୍. ଏମ୍. ଘଟାଟେ, ଏ. ଏସ୍. ଭାସ୍ମେ, ଏସ୍. ସି. ବିର୍ଲା, ସୁନୀଲ ଡୋଗ୍ରା, ପି. ଏଚ୍. ପାରେଖ, ଏସ୍. ଭି. ଦେଶପାଣ୍ଡେ, ଏସ୍. କେ. ଅଗ୍ନିହୋତ୍ରୀ, ରାଜେନ୍ଦ୍ର ମଲ୍ ଟାଟିଆ, ଇନ୍ଦ୍ର ମକୱାନା, ଏ. ବି. ଲାଲ୍ ଏବଂ ସୁଶ୍ରୀ ପୁନମ କୁମାରୀ ।

ସି. ଏ. ସଂଖ୍ୟା 4826/90 ରେ ବ୍ୟକ୍ତିଗତ ଭାବେ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏସ୍. ଏଲ୍. ପି. ସଂଖ୍ୟା 18079/91 ଏବଂ 17883/90 କୁ ଗ୍ରହଣ କରାଯାଇଛି । ପ୍ରତିସ୍ଥାପନକୁ ମଞ୍ଜୁରୀ ଦିଆଯାଇଛି ।

ସମସ୍ତ ଏସ୍. ଏଲ୍. ପି. ରେ ମଞ୍ଜୁରୀ ପ୍ରଦାନ କରାଯାଇଛି ।

ଏହି ମାମଲାଗୁଡ଼ିକରେ ନିଷ୍ପତ୍ତି ପାଇଁ ଏକ ସାଧାରଣ ବିଧିଗତ ପ୍ରଶ୍ନ ଉପୁନ୍ନ ହୋଇଛି । ତେଣୁ ସେଗୁଡ଼ିକର ଏକା ସାଙ୍ଗରେ ଫଏସଲା କରାଯାଇଛି ।

ମହାରାଷ୍ଟ୍ର ରାଜ୍ୟରେ ଯୋଜନାବଦ୍ଧ ବିକାଶ ପାଇଁ ଆଞ୍ଚଳିକ ଏବଂ ନଗର ଯୋଜନା ବୋର୍ଡ଼ ଦ୍ୱାରା ସମ୍ପୃକ୍ତ ଜମି ଅଧିଗ୍ରହଣ ପାଇଁ ମହାରାଷ୍ଟ୍ର ଆଞ୍ଚଳିକ ଏବଂ ନଗର ଯୋଜନା ଅଧିନିୟମ, 37/1966 ର (ସଂକ୍ଷେପରେ 'ଅଧିନିୟମ') ପ୍ରୟୋଗ କରାଯାଇଥିଲା । ସି. ଏ. ସଂଖ୍ୟା 4925/89 ର ତଥ୍ୟଗୁଡ଼ିକ ଏହି ଅପିଲଗୁଡ଼ିକର ବିଚାର ଏବଂ ନିଷ୍ପତ୍ତି ପାଇଁ ପର୍ଯ୍ୟାପ୍ତ ଅଟେ । ଏହି ଅଧିନିୟମଟି 1970 ର ସଂଶୋଧନ ଅଧିନିୟମ ଦ୍ୱାରା ସଂଶୋଧିତ ହୋଇଥିଲା, ଯାହାକି 17 ଫେବୃଆରୀ, 1971 ରୁ 1971 ର ଅଧିନିୟମ ସଂଖ୍ୟା 14 ଭାବରେ କାର୍ଯ୍ୟକାରୀ ହୋଇଥିଲା । 1972 ମସିହା ଡିସେମ୍ବର 28 ତାରିଖରେ ଏହି ଅଧିନିୟମର ଧାରା 125 ଅଧୀନରେ ଏକ ଅଧିସୂଚନା ପ୍ରକାଶ ପାଇଥିଲା । ଜମି ମାଲିକଙ୍କ ସହ ଚୁକ୍ତି ଦ୍ୱାରା କିମ୍ବା ଜମି ଅଧିଗ୍ରହଣ ଅଧିନିୟମ, 1894 (ସଂକ୍ଷେପରେ 'କେନ୍ଦ୍ରୀୟ ଅଧିନିୟମ') ଅଧୀନରେ ଅଧିଗ୍ରହଣ ନିମନ୍ତେ ରାଜ୍ୟ ସରକାରଙ୍କୁ ଏକ ଆବେଦନ କରି ଜମି ଅଧିଗ୍ରହଣ କରାଯାଇପାରିବ, ଯେଉଁଥିରେ ଧାରା 126 ର ଉପଧାରା (2) ର ପରନ୍ତୁକ କାର୍ଯ୍ୟକାରୀ ହେବା ଦ୍ୱାରା ଧାରା 125 ଅନୁଯାୟୀ ଅଧିସୂଚନା ପ୍ରକାଶ ପାଇବାର ତିନି ବର୍ଷ ମଧ୍ୟରେ ଘୋଷଣାନାମା କରିବାକୁ ପଡ଼ିବ । ଧାରା 125 ଅଧୀନରେ ଥିବା ଅଧିସୂଚନାକୁ କେନ୍ଦ୍ରୀୟ ଅଧିନିୟମର ଧାରା 4 (1) ଅଧୀନରେ ଥିବା ଅଧିସୂଚନା ଭାବରେ ଏବଂ ଧାରା 126 ର ଉପ-ଧାରା (2) ଅଧୀନରେ ଥିବା ଘୋଷଣାନାମାକୁ କେନ୍ଦ୍ରୀୟ ଅଧିନିୟମର ଧାରା 6 ଅଧୀନରେ ଥିବା ଘୋଷଣାନାମା ଭାବରେ ବିବେଚନା କରାଯାଏ । ତିନି ବର୍ଷ ମଧ୍ୟରେ ଘୋଷଣାନାମା ପ୍ରକାଶ କରିବାରେ ବିଫଳ ହେଲେ, ଜମି ଅଧିଗ୍ରହଣ କ୍ଷେତ୍ରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ନିଷେଧାଦେଶ ଲାଗୁ ହୋଇଥାଏ ।

ଉପ-ଧାରା (4) ଏହିପରି ଭାବେ ଏହି ପ୍ରତିବନ୍ଧକକୁ ହଟାଇ ଦେଇଛି:

"(4) ଯଦି ଉପ-ଧାରା (2) ରେ ଉଲ୍ଲେଖ କରାଯାଇଥିବା ଅବଧି ମଧ୍ୟରେ ଘୋଷଣାନାମା କରାଯାଇ ନାହିଁ, କିମ୍ବା କରାଯାଇଥିବା ସତ୍ତ୍ୱେ, ମହାରାଷ୍ଟ୍ର ଆଞ୍ଚଳିକ ଏବଂ ନଗର ଯୋଜନା (ସଂଶୋଧନ) ଅଧିନିୟମ, 1970 ର ପ୍ରାରମ୍ଭ ସମୟରେ ଉକ୍ତ ଅବଧି ସମାପ୍ତ ହୋଇଯାଇଛି, ତେବେ ରାଜ୍ୟ ସରକାର ଏହି ଧାରାର ଉପ-ଧାରା (2) ଏବଂ (3) ରେ ପ୍ରଦତ୍ତ ପଦ୍ଧତି ଅନୁଯାୟୀ ଜମି ଅଧିଗ୍ରହଣ ଅଧିନିୟମ, 1894 ଅଧୀନରେ ଜମି ଅଧିଗ୍ରହଣ ପାଇଁ ଏକ ନୂତନ ଘୋଷଣାନାମା କରିପାରିବେ; ତେବେ ଏହି ପରିବର୍ତ୍ତନର ବଶବର୍ତ୍ତୀ ରହି, ଜମିର ବଜାର ମୂଲ୍ୟ, ଜମିକୁ ନୂତନ ଭାବେ ଅଧିଗ୍ରହଣ କରିବା ପାଇଁ ସରକାରୀ ରାଜପତ୍ରରେ ପ୍ରକାଶିତ ଘୋଷଣାନାମା ତାରିଖର ବଜାର ମୂଲ୍ୟ ଅନୁଯାୟୀ ହେବ" ।

ଉପ-ଧାରା (4) କୁ ପଢ଼ିବା ଦ୍ୱାରା ଏହି ବୈଧାନିକ ଉଦ୍ଦେଶ୍ୟ ମିଳିବ ଯେ, ଯଦି ଘୋଷଣାନାମା ଜାରି ହେବାର ତିନି ବର୍ଷ ମଧ୍ୟରେ କରାଯାଇ ନାହିଁ ଏବଂ ସଂଶୋଧନ ଅଧିନିୟମ ଆରମ୍ଭ ହେବା ସମୟରେ ଉକ୍ତ ଅବଧି ସମାପ୍ତ ହୋଇଯାଇଛି, ତେବେ ରାଜ୍ୟ ସରକାରଙ୍କୁ ଅଧିନିୟମର ଧାରା 126 ର ଉପ-ଧାରା (2) ଏବଂ (3) ରେ ପ୍ରଦତ୍ତ ପଦ୍ଧତି ଅନୁଯାୟୀ ଜମି ଅଧିଗ୍ରହଣ ପାଇଁ ଏକ ନୂତନ ଘୋଷଣାନାମା କରିବାକୁ କ୍ଷମତା ଦିଆଯାଇଛି । ସର୍ବୋଚ୍ଚ ଅଧିକାରର ପ୍ରୟୋଗ କ୍ଷେତ୍ରରେ ଏକ ସର୍ତ୍ତ ହେଉଛି ଯେ, ଜମିର ବଜାର ମୂଲ୍ୟ ସରକାରୀ ରାଜପତ୍ରରେ ଧାରା 126 (2) ଅଧୀନରେ ପ୍ରକାଶିତ ନୂତନ ଘୋଷଣାନାମା ତାରିଖ ଅନୁଯାୟୀ ହେବା ଆବଶ୍ୟକ । ଅନ୍ୟ ଅର୍ଥରେ, ଧାରା 125 ଅଧୀନରେ ଅଧିସୂଚନା ପ୍ରକାଶ ପାଇବା ପରେ, ବଜାର ମୂଲ୍ୟକୁ ରାଜ୍ୟ ରାଜପତ୍ରରେ ଏହାର ପ୍ରକାଶନ ତାରିଖ ଅନୁସାରେ ସ୍ଥିର କରାଯାଇଛି । ଯେହେତୁ ଅଧିସୂଚନା ଏବଂ ଘୋଷଣାନାମାର ତାରିଖ ମଧ୍ୟରେ ସମୟ ବିତିଯାଇଛି, ତେଣୁ ମାଲିକଙ୍କୁ ଧାରା 125 ଅଧୀନରେ ଅଧିସୂଚନା ସମୟରେ ପ୍ରଚଳିତ ମୂଲ୍ୟ ଅନୁଯାୟୀ କ୍ଷତିପୂରଣ ନିର୍ଦ୍ଧାରଣ ହେବାର ଦୁର୍ଦ୍ଦଶାରୁ ମୁକ୍ତି ଦିଆଯାଇଛି; ଏବଂ ଅଧିସୂଚନା ପ୍ରକାଶନ ଓ ଘୋଷଣାନାମାର ତାରିଖ ମଧ୍ୟରେ ବଜାର ମୂଲ୍ୟରେ ହୋଇଥିବା ବୃଦ୍ଧିକୁ ଏହାଦ୍ୱାରା ସମଯୋଜିତ କରାଯାଇଛି । ବିଧାନସଭା ତିନି ବର୍ଷର ଅବଧି ସମାପ୍ତ ହେବା ପରେ ମଧ୍ୟ ରାଜ୍ୟକୁ ଘୋଷଣାନାମା ଜାରି କରିବାକୁ କ୍ଷମତା ପ୍ରଦାନ କରିବା କିମ୍ବା ନୂତନ ଘୋଷଣାନାମାକୁ ବୈଧ ଭାବରେ ଗ୍ରହଣ କରିବା ସମୟରେ, ଜମି ମାଲିକ କିମ୍ବା ଜମିରେ ଦାବି ରଖୁଥିବା ବ୍ୟକ୍ତିଙ୍କୁ ଦୁର୍ଦ୍ଦଶାରୁ ମୁକ୍ତି ଦେଇଛନ୍ତି; ଏବଂ କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ତାରିଖ ହେଉଛି ସେହି ତାରିଖ, ଯେଉଁ ଦିନ ଧାରା 126 ର ଉପ-ଧାରା (4) ଅଧୀନରେ ଘୋଷଣାନାମାକୁ ଏକ ନୂତନ ଘୋଷଣାନାମା ଭାବରେ ସରକାରୀ ରାଜପତ୍ରରେ ପ୍ରକାଶ କରାଯାଇଛି । ଏହାଦ୍ୱାରା

ବିଧାନସଭାର ଉଦ୍ଦେଶ୍ୟ ସ୍ପଷ୍ଟ ହେଉଛି ଯେ, ଯଦିଓ ଧାରା 125 ଅଧୀନରେ ଅଧିସୂଚନା ପ୍ରକାଶ ପାଇବା ପରେ ତିନି ବର୍ଷର ଅବଧି ସମାପ୍ତ ହୋଇଯାଇଥିଲା କିମ୍ବା ସଂଶୋଧନ ଅଧିନିୟମ ଆରମ୍ଭ ହେବା ପୂର୍ବରୁ ଉପ-ଧାରା (2) ଅଧୀନରେ କରାଯାଇଥିବା ଘୋଷଣାନାମାର ଅବଧି ସମାପ୍ତ ହୋଇଯାଇଥିଲା, ତଥାପି ରାଜ୍ୟ ସରକାରଙ୍କୁ ନୂତନ ଭାବେ ଘୋଷଣାନାମା ପ୍ରକାଶ କରିବାକୁ କ୍ଷମତା ଦିଆଯାଇଛି । ଅନ୍ୟ ଶବ୍ଦରେ କହିଲେ, ଘୋଷଣାନାମାକୁ ନୂତନ ଭାବେ ପ୍ରକାଶ କରିବାକୁ କ୍ଷମତା ଦିଆଯାଇଥିଲା ଯାହାଫଳରେ ଅଧିନିର୍ଣ୍ଣୟ ପ୍ରଦାନ ପ୍ରକ୍ରିୟା ଆଗକୁ ବଢ଼ିପାରିବ, କିନ୍ତୁ କ୍ଷତିପୂରଣ ରାଜପତ୍ରରେ ପ୍ରକାଶିତ ନୂତନ ଘୋଷଣାନାମା ତାରିଖରେ ପ୍ରଚଳିତ ମୂଲ୍ୟ ଅନୁଯାୟୀ ନିର୍ଦ୍ଧାରଣ କରାଯିବ ।

ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଡକ୍ଟର ଏନ୍. ଏମ୍. ଘଟାଟେ ଯୁକ୍ତି କରିଛନ୍ତି ଯେ ଯେହେତୁ ଜମି ଅଧିଗ୍ରହଣ ଏକ ବାଧ୍ୟତାମୂଳକ ସମ୍ପତ୍ତି ଅଧିଗ୍ରହଣ ଅଟେ, ତେଣୁ ଏହାର ଏକ ସୀମିତ ବ୍ୟାଖ୍ୟା କରାଯିବା ଉଚିତ୍ । ସେ ଆହୁରି ଯୁକ୍ତି କରିଛନ୍ତି ଯେ ଯଦିଓ ଧାରା 125 ଅଧୀନରେ ପ୍ରକାଶିତ ଅଧିସୂଚନା ଅକାମି ହୋଇଯିବ ବୋଲି କୌଣସି ସ୍ପଷ୍ଟ ବ୍ୟବସ୍ଥା ନାହିଁ, ତଥାପି ଜମି ଅଧିଗ୍ରହଣ ଅଧିନିୟମ (ସଂଶୋଧନ) ଅଧିନିୟମ 68/1984 ଦ୍ୱାରା ପ୍ରବର୍ତ୍ତିତ ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 11A ର ପ୍ରଭାବ ଅନୁଯାୟୀ, କେନ୍ଦ୍ରୀୟ ଅଧିନିୟମର ଧାରା 6 ଅର୍ଥାତ୍ ଏହି ଅଧିନିୟମର ଧାରା 126 (2) ଅଧୀନରେ ପ୍ରକାଶିତ ଘୋଷଣାନାମା ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବା ଉଚିତ୍; ଏବଂ ଏହି ସୀମାବଦ୍ଧତାର ଅବଧିକୁ ଅଧିନିୟମରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ବିବେଚନା କରାଯିବା ଉଚିତ୍ । ଯଦି ଆଇନ ଅନୁମତି ଦେଉଥିାଏ, ତେବେ ଧାରା 125 ଅଧୀନରେ ପୁନର୍ବାର ନୂତନ ଅଧିସୂଚନା ଜାରି କରିବା ରାଜ୍ୟ ପାଇଁ ଏକମାତ୍ର ଉପାୟ ଅଟେ ଏବଂ ଏହା ଧାରା 126 ର ଉପ-ଧାରା (4) ଅଧୀନରେ ଘୋଷଣାନାମା ପ୍ରକାଶ କରିବା ଉଚିତ୍ ନୁହେଁ ।

ଏହି ଯୁକ୍ତିଗୁଡ଼ିକରେ ଆମ୍ଭେ କୌଣସି ଦୃଢତା ପାଉନାହୁଁ । ଧାରା 126 ର ଉପ-ଧାରା (2) ଅଧୀନରେ ସରକାରୀ ରାଜପତ୍ରରେ ଘୋଷଣାନାମା ପ୍ରକାଶ କରିବାରେ ଅତ୍ୟଧିକ ବିଳମ୍ବ ହେଲେ ସେଥିରେ ହେବାକୁ ଥିବା ପରିଣାମ ବିଷୟରେ ବିଧାନସଭା ଅବଗତ ଥିଲେ; ତେଣୁ ଧାରା 126 (2) ଅଧୀନରେ କ୍ଷମତାର ପ୍ରୟୋଗ ଉପରେ ଏକ ପ୍ରତିବନ୍ଧକ ଲଗାଇବା ପାଇଁ ସେହି ଅନୁସାରେ ବ୍ୟବସ୍ଥା କରାଯାଇଥିଲା ଏବଂ ସେହି ସମୟରେ ସାର୍ବଜନୀନ ଉଦ୍ଦେଶ୍ୟ ତଥା ଜମି ମାଲିକଙ୍କ ବ୍ୟକ୍ତିଗତ ସ୍ୱାର୍ଥ ପ୍ରତି ହେଉଥିବା ଅସୁବିଧାକୁ ପ୍ରଶମିତ କରାଯାଇଥିଲା । ଅନ୍ୟ ଶବ୍ଦରେ କହିବାକୁ

ଗଲେ, ରାଜ୍ୟକୁ ଏହାର ସର୍ବୋଚ୍ଚ ଅଧିକାରର ପ୍ରୟୋଗ କରିବାକୁ ଅନୁମତି ଦେବା ସମୟରେ, ଜମି ମାଲିକ କିମ୍ବା ଜମିରେ ଦାବି ରଖୁଥିବା ବ୍ୟକ୍ତିଙ୍କୁ ଧାରା 125 (ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 4 (1)) ଅଧୀନରେ ଅଧିସୂଚନା ପ୍ରକାଶନ ତାରିଖର ପ୍ରଚଳିତ ମୂଲ୍ୟ ଅନୁଯାୟୀ କ୍ଷତିପୂରଣ ପୈଠ କରିବାର ଅସୁବିଧାରୁ ମୁକ୍ତ କରାଯାଇଛି ଏବଂ ନିର୍ଦ୍ଦେଶ ଦିଆଯାଇଛି ଯେ, ଧାରା 126 ର ଉପ-ଧାରା (4) ଅଧୀନରେ ନୂତନ ଘୋଷଣାନାମା ପ୍ରକାଶନ ତାରିଖ ଅନୁଯାୟୀ ବଜାର ମୂଲ୍ୟ ନିର୍ଦ୍ଧାରଣ କରାଯିବ ।

*ମ୍ୟୁନିସିପାଲ କର୍ପୋରେସନ୍ ଅଫ୍ ଗ୍ରେଟର ବମ୍ବେ ବନାମ ଡ. ହାକିମୱାଡ଼ି ଟେନାଣ୍ଟସ୍ ଆସୋସିଏସନ୍ ଏବଂ ଅନ୍ୟମାନେ*, [1988] (Supp.) SCC 55, ମାମଲାରେ ଏହି ନ୍ୟାୟାଳୟ ଧାରା 127 ଅଧୀନରେ ଥିବା ସଂରକ୍ଷଣକୁ ଆକଳନ କରିବା ସମୟରେ, ଧାରା 126 ର ବ୍ୟବସ୍ଥାଗୁଡ଼ିକର ପ୍ରଭାବ, ବିଶେଷ କରି ଉପ-ଧାରା (2) ଏବଂ (4) ର ପରନ୍ତୁକର ପ୍ରଭାବ ବିଷୟରେ ବିଚାର କରିଥିଲେ ଏବଂ ନିମ୍ନ ରୂପେ ନିର୍ଣ୍ଣୟ ନେଇଥିଲେ:

"ଧାରା 126 ର ଉପ-ଧାରା (1), (2) ଏବଂ (4) ର ମିଳିତ ପ୍ରଭାବ ହେଉଛି ଯେ, ଯଦି ଉପ-ଧାରା (2) ରେ ଉଲ୍ଲେଖ କରାଯାଇଥିବା ସମୟ ସୀମା ମଧ୍ୟରେ, ଅର୍ଥାତ୍ ପ୍ରାରୂପୀ ଆଞ୍ଚଳିକ ଯୋଜନା, ବିକାଶ ଯୋଜନା କିମ୍ବା ଅନ୍ୟ କୌଣସି ଯୋଜନା ପ୍ରକାଶ ପାଇବାର ତିନି ବର୍ଷ ସମାପ୍ତ ହେବା ପୂର୍ବରୁ କୌଣସି ଘୋଷଣାନାମା କରାଯାଇ ନାହିଁ, ତେବେ ସେହି କ୍ଷେତ୍ରରେ ଜମି ଅଧିଗ୍ରହଣ ପାଇଁ ମାଲିକଙ୍କୁ ପ୍ରଦେୟ କ୍ଷତିପୂରଣ, ଜମି ଅଧିଗ୍ରହଣ ଅଧିନିୟମର ଧାରା 6 ଅଧୀନରେ କରାଯାଇଥିବା ନୂତନ ଘୋଷଣାନାମା ତାରିଖର ବଜାର ମୂଲ୍ୟ ଅନୁଯାୟୀ ହେବ; ଅର୍ଥାତ୍ ଏହି ବଜାର ମୂଲ୍ୟ ଜମି ଅଧିଗ୍ରହଣ ଅଧିନିୟମର ଧାରା 4 (1) ଅଧୀନରେ ଥିବା ଅଧିସୂଚନା ତାରିଖର ଅନୁଯାୟୀ ନୁହେଁ, ବରଂ ଧାରା 6 ଅଧୀନରେ ଥିବା ଘୋଷଣାନାମା ତାରିଖ ଅନୁଯାୟୀ ହେବ । ଏହି ଅଧିନିୟମ ଅନୁଯାୟୀ ପ୍ରଦାନ କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ମଧ୍ୟରୁ ଏହା ଅନ୍ୟତମ" ।

ତେଣୁ, ଏହା ସ୍ପଷ୍ଟ ହେବ ଯେ ଯଦିଓ ଧାରା 126 ର ଉପ-ଧାରା (2) ର ପରନ୍ତୁକ ଅଧୀନରେ ନିର୍ଦ୍ଧାରିତ ତିନି ବର୍ଷ ମଧ୍ୟରେ ଧାରା 126 ର ଉପ-ଧାରା (2) ଅଧୀନରେ ଘୋଷଣାନାମା କରାଯାଇ ନାହିଁ, ତଥାପି ଆବଶ୍ୟକ ଅନୁମାନ ଦ୍ଵାରା ଏହା ବୁଝାଯିବ ଯେ ଧାରା 125 ଅଧୀନରେ ଥିବା ଅଧିସୂଚନା ଅକାମି ହୁଏ ନାହିଁ ଏବଂ ଧାରା 126 (4) ଅଧୀନରେ କରାଯାଇଥିବା ନୂତନ ଘୋଷଣାନାମା ବୈଧ ଅଟେ, ପଛେ ତାହା ସଂଶୋଧନ ଅଧିନିୟମ କାର୍ଯ୍ୟକାରୀ ହେବା ପରେ କରାଯାଇଥାଉ କିମ୍ବା ଅସଂଶୋଧିତ ଅଧିନିୟମ ଅଧୀନରେ

କରାଯାଇଥାଉ ଏବଂ ସଂଶୋଧନ ଅଧିନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ତିନି ବର୍ଷ ସମାପ୍ତ ହୋଇଥାଉ । ସରକାର ସେତେବେଳେ ସରକାରୀ ରାଜପତ୍ରରେ ଅଧିନିୟମର ଧାରା 126 (2) ଅଧୀନରେ ଘୋଷଣାନାମା ପ୍ରକାଶ କରିବା ପାଇଁ ସମ୍ପୂର୍ଣ୍ଣ କ୍ଷମତା ସମ୍ପନ୍ନ ଥିଲେ । ଉପରୋକ୍ତ ମାମଲାରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା ଧାରା 127 ର ପ୍ରଭାବକୁ ବିଚାରକୁ ନେଇ ଆମ୍ଭର ଏହି ଉପସଂହାର ସୁଦୃଢ଼ ହେଉଅଛି ।

ଏହା ପରେ ଡ. ଏନ୍. ଏମ୍. ଘଟାଟେଙ୍କ ଦ୍ୱାରା ଯୁକ୍ତି କରାଯାଇଛି ଯେ, ଏସ୍.ଏଲ୍.ପି ସଂଖ୍ୟା 5251/90 ରୁ ଉତ୍ପନ୍ନ ଅପିଲରେ, ଯେହେତୁ ଧାରା 126 ର ଉପ-ଧାରା (2) ଅଧୀନରେ ଘୋଷଣାନାମା ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇ ନାହିଁ, ତେଣୁ କେନ୍ଦ୍ରୀୟ ଅଧିନିୟମର ଧାରା 11A ର କାର୍ଯ୍ୟକାରୀ ହେବା ଦ୍ୱାରା ଧାରା 125 ଅଧୀନରେ ପ୍ରକାଶିତ ଅଧିସୂଚନା ଅକାମି ହୋଇଯାଇଛି ବୋଲି ବିବେଚନା କରାଯିବ ଏବଂ ସେଥିପାଇଁ କର୍ତ୍ତୃପକ୍ଷମାନେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କ୍ଷେତ୍ରାଧିକାର ବିହୀନ ଅଟନ୍ତି । ଏହି ଯୁକ୍ତିରେ ମଧ୍ୟ ଆମ୍ଭେ କୌଣସି ଦୃଢତା ପାଉନାହୁଁ । ଏହା ଦେଖିବାକୁ ମିଳିଛି ଯେ ରାଜ୍ୟ ବିଧାନସଭା ସଂଶୋଧନ ଅଧିନିୟମ ଦ୍ୱାରା ଏହି ଅଧିନିୟମକୁ ସଂଶୋଧନ କରିଥିଲା ଏବଂ ଧାରା 126 (2) ଅଧୀନରେ ଘୋଷଣାନାମାର ପ୍ରକାଶନ ପାଇଁ 3 ବର୍ଷର ସମୟ ସୀମା ପ୍ରବର୍ତ୍ତନ କରିଥିଲା । ଧାରା 128 ରେ, ଏହା କେନ୍ଦ୍ରୀୟ ଅଧିନିୟମର ଧାରା 16,17 ଏବଂ 24 ର ବ୍ୟବସ୍ଥାଗୁଡ଼ିକୁ ଏହାର ଅଂଶ ଭାବରେ ସ୍ପଷ୍ଟ ଭାବରେ ସନ୍ନିବେଶିତ କରିଥିଲା । ଅନ୍ୟ ଶବ୍ଦରେ, ଯେଉଁଠାରେ ବିଧାନସଭା କେନ୍ଦ୍ରୀୟ ଅଧିନିୟମ ଦ୍ୱାରା ପରିକଳ୍ପିତ ନିର୍ଦ୍ଦିଷ୍ଟ ପ୍ରକ୍ରିୟା କିମ୍ବା କ୍ଷମତା ପ୍ରୟୋଗ ଉପରେ ପ୍ରତିବନ୍ଧକ ଲାଗୁ କରିବାକୁ ଚାହୁଁଥିଲା, ସେଠାରେ ତାହା ନିର୍ଦ୍ଦିଷ୍ଟ ଭାବରେ କରାଯାଇଥିଲା । କେନ୍ଦ୍ରୀୟ ଅଧିନିୟମ 68/1984 କାର୍ଯ୍ୟକାରୀ ହେବା ପରେ, ରାଜ୍ୟ ବିଧାନସଭା ଦ୍ୱାରା କେନ୍ଦ୍ରୀୟ ଅଧିନିୟମର ଧାରା 11A କୁ ଏହି ଅଧିନିୟମର ଅଂଶବିଶେଷ ଭାବେ ପ୍ରବର୍ତ୍ତନ କିମ୍ବା ଅନ୍ତର୍ଭୁକ୍ତ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଯେହେତୁ ବିଧାନସଭା କେନ୍ଦ୍ରୀୟ ଅଧିନିୟମର ନିର୍ଦ୍ଦିଷ୍ଟ ବ୍ୟବସ୍ଥାଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥିଲା, ତେଣୁ ଏହାର ନିଷ୍କର୍ଷ ହେଉଛି ଯେ ବିଧାନସଭା ଅଧିନିୟମ ଅଧୀନରେ କ୍ଷମତା ପ୍ରୟୋଗ ପାଇଁ କେନ୍ଦ୍ରୀୟ ଅଧିନିୟମର ଅନିର୍ଦ୍ଦିଷ୍ଟ ବ୍ୟବସ୍ଥାଗୁଡ଼ିକୁ ପ୍ରୟୋଗ କରିବାକୁ ଚାହୁଁନଥିଲା । ଏହି ପରିପ୍ରେକ୍ଷୀରେ ଏହା ମନେ ରଖିବାକୁ ହେବ ଯେ, ଅନ୍ତର୍ଭୁକ୍ତିକରଣ ଏବଂ ସନ୍ଦର୍ଭ ଦ୍ୱାରା ଗ୍ରହଣ ମଧ୍ୟରେ ପାର୍ଥକ୍ୟ ଏକ ରହିଛି । ଯଦି ବିଧାନସଭା କେନ୍ଦ୍ରୀୟ ଅଧିନିୟମକୁ କେବଳ ଗ୍ରହଣ କରିଥାଆନ୍ତେ, ତେବେ ଅଧିନିୟମ 68/1984 ର ଅଧୀନରେ ସେହି

ଅଧିନିୟମରେ ହୋଇଥିବା ପରବର୍ତ୍ତୀ ସଂଶୋଧନଗୁଡ଼ିକ ସ୍ୱତଃ ପ୍ରବୃତ୍ତ ଭାବେ ପ୍ରଯୁଜ୍ୟ ହୋଇଥାନ୍ତା ।

*ଗୌରୀ ଶଙ୍କର ଗୌର ବନାମ ଏମ୍. ପି. ରାଜ୍ୟ,* [1994] 1 SCC 92 ମାମଲାରେ, ୟୁ. ପି. ବିଧାନସଭା, ୟୁ. ପି. ଆୱାସ ଏଭମ୍ ବିକାଶ ପରିଷଦ ଅଧିନିୟମ, 1965 ପ୍ରଣୟନ କରିବା ସମୟରେ, ଧାରା 55 କୁ ଏବଂ ଉକ୍ତ ଅଧିନିୟମ ସହିତ ସଂଲଗ୍ନ ଅନୁସୂଚୀକୁ ପ୍ରଣୟନ କରି ସେଥିରେ କେନ୍ଦ୍ରୀୟ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରିଥିଲେ । ଏହା ଯୁକ୍ତି କରାଯାଇଥିଲା ଯେ ଯେହେତୁ କେନ୍ଦ୍ରୀୟ ସଂଶୋଧନ ଅଧିନିୟମ 68/1984, ଏହାର ଧାରା 6 ଅଧୀନରେ ଘୋଷଣାନାମାର ପ୍ରକାଶନ ପାଇଁ 3 ବର୍ଷର ସୀମା ନିର୍ଦ୍ଧାରଣ କରିଥିଲା, ତେଣୁ ଏହାର ସମାପ୍ତି ପରେ, ଅଧିନିୟମର ଧାରା 28 ଅଧୀନରେ ଜାରି କରାଯାଇଥିବା ଅଧିସୂଚନା ଅକାମି ହୋଇଯାଇଥିଲା । ଏହି ଯୁକ୍ତିର ସଠିକତା ଏବଂ ଅନୁସୂଚୀ ସହିତ ପଠିତ ଧାରା 55 ର ପରିସର ଏବଂ ସୀମା ବିଷୟରେ ଆମ୍ଭମାନଙ୍କ ମଧ୍ୟରୁ ଜଣେ (ନ୍ୟାୟମୂର୍ତ୍ତି କେ. ରାମାସ୍ୱାମୀ) ବିଚାର କରିଥିଲେ । ଅନୁଚ୍ଛେଦ 31-32 ରେ ଏହି ବିଷୟ ସମ୍ବନ୍ଧିତ ନିର୍ଣ୍ଣୟ ଆଇନର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ପରେ ଏହା କୁହାଯାଇଥିଲା ଯେ, ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ବିଧାନ କ୍ଷେତ୍ରରେ ପୂର୍ବବର୍ତ୍ତୀ ଅଧିନିୟମର ବ୍ୟବସ୍ଥାଗୁଡ଼ିକ ପରବର୍ତ୍ତୀ ଅଧିନିୟମର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଏ; ମାନେ ସେଗୁଡ଼ିକ ଯେମିତି ପରବର୍ତ୍ତୀ ଅଧିନିୟମରେ କାଳିରେ ଲେଖା ହୋଇଛି ଏବଂ ମୁଦ୍ରିତ ହୋଇଛି । କିନ୍ତୁ ସନ୍ଦର୍ଭ ମାଧ୍ୟମରେ ଗ୍ରହଣ କ୍ଷେତ୍ରରେ ଏହା ସେପରି ହୋଇନଥାଏ । ଏଭଳି ପରିସ୍ଥିତିରେ, ଯେତେବେଳେ ପୂର୍ବବର୍ତ୍ତୀ ଅଧିନିୟମର ବ୍ୟବସ୍ଥାଗୁଡ଼ିକ ରଦ୍ଦ କିମ୍ବା ସଂଶୋଧିତ ହୋଇଥାଏ, ଯେପର୍ଯ୍ୟନ୍ତ ସେଗୁଡ଼ିକୁ ପରବର୍ତ୍ତୀ ଅଧିନିୟମ ପାଇଁ ସ୍ପଷ୍ଟ ଭାବରେ ପ୍ରଯୁଜ୍ୟ କରାଯାଇ ନାହିଁ, ସେପର୍ଯ୍ୟନ୍ତ ସେଗୁଡ଼ିକ ସେଥିରେ ଅନ୍ତର୍ଭୁକ୍ତ ହୋଇଛି ବୋଲି ବିବେଚନା କରାଯାଇପାରିବ ନାହିଁ । ପରବର୍ତ୍ତୀ ଅଧିନିୟମଟି କୌଣସି ସଂଶୋଧନ କିମ୍ବା ରଦ୍ଦ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଅପ୍ରଭାବିତ ରହେ । ଏକ ମାମଲା ଅନ୍ତର୍ଭୁକ୍ତିକରଣ କିମ୍ବା ସନ୍ଦର୍ଭର ଅଟେ କି ନାହିଁ, ତାହା ସେହି ବିଧାନର ଯୋଜନା, ବ୍ୟବହୃତ ଭାଷା ଏବଂ ବିଧାନଟି ହାସଲ କରିବାକୁ ଚାହୁଁଥିବା ଉଦ୍ଦେଶ୍ୟରୁ ବିଚାର କରାଯିବ । ଯଦି କୌଣସି ପରବର୍ତ୍ତୀ ଅଧିନିୟମରେ କେବଳ ପୂର୍ବବର୍ତ୍ତୀ ଅଧିନିୟମ କିମ୍ବା ପ୍ରଚଳିତ ଆଇନର ଉଲ୍ଲେଖ ଥାଏ, ତେବେ ଏହା କେବଳ ଏକ ଉଲ୍ଲେଖ ମାତ୍ର ହେବ ଏବଂ ପରବର୍ତ୍ତୀ ସମୟରେ କରାଯାଇଥିବା ସମସ୍ତ ସଂଶୋଧନ କାର୍ଯ୍ୟକାରୀ ହେବ, ଯେପର୍ଯ୍ୟନ୍ତ ସାଧାରଣ ଖଣ୍ଡ ଅଧିନିୟମର ଧାରା 8 (1) ଦ୍ୱାରା ଏହାର କାର୍ଯ୍ୟକାରିତାକୁ ସୁରକ୍ଷିତ କରାଯାଇନାହିଁ କିମ୍ବା ଏହା ସମ୍ବିଧାନର ଅନୁଚ୍ଛେଦ 254

ଅନୁଯାୟୀ ଅସିଦ୍ଧ ହୋଇନାହିଁ । ସେହି ମାମଲାରେ ଏହା କୁହାଯାଇଥିଲା ଯେ ଅନୁସୂଚୀ ସହିତ ପଠିତ ଏହି ଅଧିନିୟମର ଧାରା 55 କେବଳ କେନ୍ଦ୍ରୀୟ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥିଲା ଏବଂ ତେଣୁ, କେନ୍ଦ୍ରୀୟ ଅଧିନିୟମର ଧାରା 6 ରେ କରାଯାଇଥିବା ପରବର୍ତ୍ତୀ ସଂଶୋଧନଗୁଡ଼ିକ ସେହି ଅଧିନିୟମର ଅଂଶ ନୁହେଁ ଏବଂ ସେଗୁଡ଼ିକର ଉକ୍ତ ଅଧିନିୟମର ବ୍ୟବସ୍ଥାଗୁଡ଼ିକ ଉପରେ କୌଣସି ପ୍ରଭାବ ନାହିଁ । ଏହି ଅଧିନିୟମ ଅନୁଯାୟୀ ମଧ୍ୟ ସମାନ ସ୍ଥିତି ରହିଛି ।

ପରବର୍ତ୍ତୀ ଯୁକ୍ତି ଏହା କରାଯାଇଛି ଯେ, ଯେହେତୁ କ୍ଷତିପୂରଣ ନିର୍ଦ୍ଧାରଣ ନିମନ୍ତେ ଏହି ଅଧିନିୟମ ଦ୍ୱାରା କୌଣସି ପୃଥକ ପ୍ରକ୍ରିୟା ନିର୍ଦ୍ଧାରିତ ହୋଇନାହିଁ, ତେଣୁ ଆବଶ୍ୟକୀୟ ଅନୁମାନ ଅନୁଯାୟୀ, କେନ୍ଦ୍ରୀୟ ଅଧିନିୟମକୁ ଏହି ଅଧିନିୟମ ଅଧୀନରେ ହେଉଥିବା ଅଧିଗ୍ରହଣ କ୍ଷେତ୍ରରେ ଆବଶ୍ୟକ ପରିବର୍ତ୍ତନ ସହ ଲାଗୁ କରିବା ପାଇଁ ଅଭିପ୍ରାୟ ରଖାଯାଇଥିଲା । ଏହି ସମ୍ପର୍କରେ ଜିଲ୍ଲାପାଳ ପ୍ରଦାନ କରିଥିବା ଅଧିନିର୍ଣ୍ଣୟରୁ ସେ ସମର୍ଥନ ଖୋଜୁଛନ୍ତି । ଏହା ସତ୍ୟ ଯେ ଅଧିନିୟମ ଅଧୀନରେ ଅଧିଗ୍ରହଣ କରାଯାଇଥିବା ଜମି ପାଇଁ କ୍ଷତିପୂରଣ ନିର୍ଦ୍ଧାରଣ କରିବାକୁ ଏହି ଅଧିନିୟମ ଅଧୀନରେ କୌଣସି ସ୍ୱଷ୍ଟ ବ୍ୟବସ୍ଥା ନାହିଁ । ତେଣୁ, ଆବଶ୍ୟକ ପ୍ରଭାବ ଦ୍ୱାରା, କେନ୍ଦ୍ରୀୟ ଅଧିନିୟମର ଧାରା 23 ର ନୀତିଗୁଡ଼ିକୁ ପ୍ରୟୋଗ କରି କ୍ଷତିପୂରଣ ନିର୍ଦ୍ଧାରଣ କରାଯିବା ଆବଶ୍ୟକ । କିନ୍ତୁ, ଏକ ବିଧାନର ପ୍ରକ୍ରିୟାଗତ ଏବଂ ମୂଳ ବ୍ୟବସ୍ଥା ମଧ୍ୟରେ ଏକ ପାର୍ଥକ୍ୟ ରହିଛି । ଉପଯୁକ୍ତ ନୀତିଗୁଡ଼ିକୁ ପ୍ରୟୋଗ କରି କ୍ଷତିପୂରଣ ନିର୍ଦ୍ଧାରଣ କରିବା 'ମୂଳ ବ୍ୟବସ୍ଥା' ସହିତ ଜଡ଼ିତ, ଅପର ପକ୍ଷରେ, ଏକ ନିର୍ଦ୍ଧାରିତ ଅବଧି ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରିବା ମୂଳତଃ 'ପ୍ରକ୍ରିୟାଗତ' ଅଟେ । ତେଣୁ, କେବଳ କେନ୍ଦ୍ରୀୟ ଅଧିନିୟମର ଧାରା 23 ଏହି ଅଧିନିୟମ ଅଧୀନରେ ଥିବା ଅଧିଗ୍ରହଣ ପାଇଁ ପ୍ରଯୁଜ୍ୟ ହେବ ବୋଲି ଧାରା 11-A ରେ ଯାହା ଅଛି ତାହା ମଧ୍ୟ ପ୍ରଯୁଜ୍ୟ ହେବ ବୋଲି ଧରିନେବା ଯଥେଷ୍ଟ ନୁହେଁ । ଆହୁରି ମଧ୍ୟ, ଅଧିନିୟମର ଧାରା 126 ର ଉପ-ଧାରା (4) ରେ ଯାହା ବ୍ୟବସ୍ଥା କରାଯାଇଛି, ତାହା ଏକ ସ୍ୱଷ୍ଟ ସଂକେତ ଯେ ଅଧିନିୟମର ଧାରା 126 ର ଉପ-ଧାରା (2) ଅଧୀନରେ କରାଯାଇଥିବା ଘୋଷଣାନାମା ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରିବାରେ ବିଫଳତା, ଅଧିନିୟମର ଧାରା 125 ଅଧୀନରେ ପ୍ରକାଶିତ ଅଧିସୂଚନାକୁ ଅସ୍ତିତ୍ୱହୀନ କରିବ ନାହିଁ ।

ଉଚ୍ଚ ନ୍ୟାୟାଳୟଙ୍କ ଏକ ପୂର୍ଣ୍ଣ ନ୍ୟାୟପୀଠ ନିକଟରେ *ଶିଓରାନୀ ବନାମ ମହାରାଷ୍ଟ୍ର ରାଜ୍ୟ*, (1994) Mh. L.J. 1821 ମାମଲାରେ ଏହି ପ୍ରଶ୍ନ ଉପରେ ବିଚାର କରିଥିଲେ ଯେ ସଂଶୋଧନ ଅଧିନିୟମ କେବଳ ସେହି କାର୍ଯ୍ୟାନୁଷ୍ଠାନଗୁଡ଼ିକରେ ପ୍ରଯୁଜ୍ୟ ହେବ କି ଯାହା ସଂଶୋଧନ କାର୍ଯ୍ୟକାରୀ ହେବା ସମୟରେ ବିଚାରାଧୀନ ଥିଲା, ନା ଏହା ପରବର୍ତ୍ତୀ ସମୟରେ ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକରେ ମଧ୍ୟ ପ୍ରଯୁଜ୍ୟ ହେବ; ଏବଂ ନ୍ୟାୟପୀଠ ମତ ଦେଇଛନ୍ତି ଯେ ଏହା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନଗୁଡ଼ିକରେ ମଧ୍ୟ ପ୍ରଯୁଜ୍ୟ ହେବ । ପୂର୍ଣ୍ଣ ନ୍ୟାୟପୀଠଙ୍କ ଯୁକ୍ତି ଏବଂ ଉପସଂହାର ସହିତ ଆମ୍ଭେ ସହମତ, କାରଣ ଏହା ଉପଧାରା (4) ର ପ୍ରାରମ୍ଭିକ ଭାଗରୁ ମଧ୍ୟ ସ୍ପଷ୍ଟ ଜଣାପଡୁଛି । ତେଣୁ, ସଂଶୋଧନ ଅଧିନିୟମ କେବଳ ବିଚାରାଧୀନ କାର୍ଯ୍ୟାନୁଷ୍ଠାନଗୁଡ଼ିକରେ ପ୍ରଯୁଜ୍ୟ ହେବ ବୋଲି ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଯେଉଁ ନିଷ୍ପତ୍ତି ନେଇଥିଲେ, ତାହା ସଠିକ୍ ନଥିଲା ।

ଦେୱାନୀ ଅପିଲ ସଂଖ୍ୟା 62/92 ବ୍ୟତୀତ ସମସ୍ତ ଅପିଲକୁ ମଞ୍ଜୁରୀ ଦିଆଯାଉଛି; ତେବେ ଦେୱାନୀ ଅପିଲ ସଂଖ୍ୟା 62/92 ଖାରଜ ହେଉଛି । ଯେଉଁ ଅପିଲଗୁଡ଼ିକୁ ଏଠାରେ ମଞ୍ଜୁରୀ ଦିଆଯାଇଛି, ସେହି ମାମଲାଗୁଡ଼ିକରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ ଏବଂ ରାୟଗୁଡ଼ିକୁ ରଦ୍ଦ କରାଯାଉଛି । ଫଳସ୍ୱରୂପ, ଏହି ଅଧିସୂଚନା ଏବଂ ଘୋଷଣାନାମାଗୁଡ଼ିକୁ, ଯାହା ସେହି ଅପିଲଗୁଡ଼ିକର ବିଷୟବସ୍ତୁ ଅଟେ, ଅକ୍ଷୁର୍ଣ୍ଣ ରଖାଯାଉଛି । କର୍ତ୍ତୃପକ୍ଷମାନେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱାଧୀନ ରହିବେ । କୌଣସି ଖର୍ଚ୍ଚ ନାହିଁ ।

ଭି. ଏସ୍. ଏସ୍. ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**